# NATIONAL NEWS BULLETIN (ODIA)
## 22 October - 2025
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣକୁ ଆସନ୍ତାକାଲି ସମ୍ବୋଧିତ କରିବେ ପ୍ରତିରକ୍ଷା ମନ୍ତ୍ରୀ ।
- ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ ଆସନ୍ତାକାଲି ।
- ଦେଶର ନବୀକରଣୀୟ ଶକ୍ତି କ୍ଷମତା ଗତ ୧୧ ବର୍ଷ ମଧ୍ୟରେ ପ୍ରାୟ ୫ ଗୁଣା ବୃଦ୍ଧି ପାଇ ୧୯୭ ଗିଗାୱାଟ୍ ଅତିକ୍ରମ କରିଛି ।
- ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଖେଳାଳି ନିରଜ ଚୋପ୍ରାଙ୍କୁ ଆଜି ପ୍ରଦାନ କରାଯାଇଛି ପ୍ରାଦେଶିକ ସେନାର ଲେଫ୍ଟନାଣ୍ଟ କଲୋନେଲ୍ ର୍ୟାଙ୍କ୍ ।

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାର ଆଜିକାର ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ୨୪୫ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି ଇଂଲଣ୍ଡ ।

# ନେଭି-କମାଣ୍ଡର କନ୍‌ଫରେନ୍ସ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତାକାଲି ଭାରତୀୟ ନୌସେନାର ଦ୍ୱିବାର୍ଷିକ କମାଣ୍ଡର ସମ୍ମିଳନୀର ଦ୍ୱିତୀୟ ସଂସ୍କରଣକୁ ସମ୍ବୋଧିତ କରିବେ । ଜାତୀୟ ସ୍ୱାର୍ଥ ଏବଂ ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଉପରେ ପ୍ରତିରକ୍ଷା ମନ୍ତ୍ରୀ ଏହି ସମ୍ମିଳନୀରେ ନିଜର ମତ ଉପସ୍ଥାପନ କରିବାର ସମ୍ଭାବନା ରହିଛି ।

ଆଜିଠାରୁ ନୂଆଦିଲ୍ଲୀରେ ଏହି ଦୁଇ ଦିନିଆ ସମ୍ମିଳନୀ ଆରମ୍ଭ ହୋଇଛି । ସାଂପ୍ରତିକ ଭୂ-ରଣନୈତିକ ପରିବେଶରେ ବହୁପକ୍ଷୀୟ ଆହ୍ୱାନକୁ ପ୍ରତିହତ କରିବାରେ ନୌସେନାର ଦୃଷ୍ଟିକୋଣ ଏହି ସମ୍ମିଳନୀ ସୁଦୃଢ଼ କରିବ । ସେନାଧ୍ୟକ୍ଷ ଏବଂ ନୌସେନା ମୁଖ୍ୟ ଭାରତ ମହାସାଗର କ୍ଷେତ୍ରରେ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ସଂପର୍କିତ ଯୋଜନା ଗୁଡ଼ିକର ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ଭାରତୀୟ ସେନା ବାହିନୀ, ବାୟୁସେନା ଏବଂ ତଟରକ୍ଷୀ ବାହିନୀ ସହିତ ସମ୍ମିଳିତ ପଦକ୍ଷେପ ମାଧ୍ୟମରେ ଆନ୍ତଃ କାର୍ଯ୍ୟକ୍ଷମତା ଏବଂ ଯୁଦ୍ଧ ପ୍ରସ୍ତୁତି ନେଇ ନୌସେନା ନିଜର ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଏହି ସମ୍ମିଳନୀ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି ।

# ଗୋୟଲ-ଭିଜିଟ୍ ଜର୍ମାନୀ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଆସନ୍ତାକାଲିଠାରୁ ଜର୍ମାନକୁ ସରକାରୀ ଗସ୍ତରେ ଯିବେ । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏ ସମ୍ପର୍କରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଭାରତ-ଜର୍ମାନ ରଣନୈତିକ ଭାଗିଦାରୀର ଚଳିତ ବର୍ଷ ୨୫ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ଗୋୟଲଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ବାଣିଜ୍ୟିକ ଏବଂ ବ୍ୟବସାୟିକ କାରବାରକୁ ଅଧିକ ପ୍ରୋତ୍ସାହିତ କରିବା ଦିଗରେ ଏକ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ । ଏହି ଗସ୍ତ ଅବସରରେ ଶ୍ରୀ ଗୋୟଲ ଜର୍ମାନର ବାଣିଜ୍ୟିକ ବ୍ୟାପାର ଓ ଶକ୍ତି ମନ୍ତ୍ରୀ କାଥେରିନା ରିଚିଙ୍କ ସହିତ ଏକ ଉଚ୍ଚସ୍ତରୀୟ ଦ୍ୱିପକ୍ଷିୟ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ବିଶେଷ କରି ଭାରତ-ଜର୍ମାନ ଅର୍ଥନୈତିକ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଏବଂ ବ୍ୟବସାୟ ଓ ପୁଞ୍ଜିନିବେଶ କ୍ଷେତ୍ରରେ ସହଯୋଗକୁ ବୃଦ୍ଧି କରିବା ଦିଗରେ ନୂତନ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରିବା ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯିବ ।

ଏତଦ୍‌ବ୍ୟତୀତ ଶ୍ରୀ ଗୋୟଲ ବର୍ଲିନ୍ ବିଶ୍ୱ ସମ୍ମିଳନୀର ତୃତୀୟ ସଂସ୍କରଣରେ ଜଣେ ବକ୍ତା ଭାବେ ମଧ୍ୟ ଅଂଶଗ୍ରହଣ କରିବେ । ଜର୍ମାନର ଅଗ୍ରଣୀ ଶିଳ୍ପାନୁଷ୍ଠାନ ଗୁଡ଼ିକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀମାନଙ୍କ ସହିତ ମଧ୍ୟ ଶିଳ୍ପ ମନ୍ତ୍ରୀ ପୃଥକ ପୃଥକ ବୈଠକ କରିବାର କାର୍ଯ୍ୟସୂଚୀ

ରହିଛି । ଏହି ଗସ୍ତ କାଳରେ ଶ୍ରୀ ଗୋୟଲ ଲକ୍ସେମ୍ବର୍ଗର ଉପ-ପ୍ରଧାନମନ୍ତ୍ରୀ ଜାଭିୟର୍ ବେଟେଲ୍‌ଙ୍କ ସହିତ ଦ୍ୱିପକ୍ଷିୟ ବାଣିଜ୍ୟ ସମ୍ପର୍କକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ଦ୍ୱିପକ୍ଷିୟ ବୈଠକରେ ଯୋଗଦେବେ ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ବିହାର ଇଲେକ୍ସନ

ବିହାର ବିଧାନସଭାର ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ପାଇଁ ଆସନ୍ତାକାଲି ହେଉଛି ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷଦିବସ । ଗତକାଲି ନାମାଙ୍କନପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଛି । ଆସନ୍ତା ମାସ ୧୧ ତାରିଖରେ ରାଜ୍ୟ ବିଧାନସଭାର ମୋଟ୍ ୨୪୩ଟି ଆସନ ମଧ୍ୟରୁ ଏହି ପର୍ଯ୍ୟାୟରେ ୧୨୨ଟି ଲାଗି ମତ ଗ୍ରହଣ କରାଯିବ । ଅବଶିଷ୍ଟ ଆସନ ଲାଗି ପ୍ରଥମ ପର୍ଯ୍ୟାୟରେ ନଭେମ୍ବର ୬ ତାରିଖରେ ଭୋଟ ଗ୍ରହଣ ହେବ ।

ବିହାର ବିଧାନସଭା ନିର୍ବାଚନ ଲାଗି ବିଭିନ୍ନ ଦଳ ପକ୍ଷରୁ ପ୍ରଚାର କାର୍ଯ୍ୟ ସରଗରମ ହୋଇଛି । ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ପକ୍ଷରୁ ବିଭିନ୍ନ ସ୍ଥାନରେ ନିର୍ବାଚନୀ ର୍ୟାଲି ମାନ ଆୟୋଜିତ ହୋଇଯାଇଛି । ଜନତା ଦଳ ସଂଯୁକ୍ତର ଜାତୀୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନିତିଶ କୁମାର ଆଜି ଗୋପାଳଗଞ୍ଜ ଓ ସିୱାନ୍ ଜିଲ୍ଲାର କଟେୟା, ରଘୁନାଥପୁର, ବାହାରିଆ ଆଦି ସ୍ଥାନରେ ଆୟୋଜିତ

ଜନସମାବେଶ ଗୁଡ଼ିକରେ ଉଦ୍‌ବୋଧନ ଦେଇଛନ୍ତି । ଗୋପାଳଗଞ୍ଜ ଠାରେ ଆୟୋଜିତ ଜନସମାବେଶରେ ଉଦ୍‌ବୋଧନ ଦେଇ ନୀତିଶ କୁମାର କହିଛନ୍ତି, ଯଦି ଏନ୍.ଡି.ଏ. କ୍ଷମତାକୁ ପୁନର୍ବାର ଆସେ ତେବେ ବିହାରକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାର ସ୍ୱପ୍ନ ସାକାର ହୋଇପାରିବ ।

ବିଜେପିର ବରିଷ୍ଠ ନେତା ତଥା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଆଜି ଗୟାଜିଠାରେ ଆୟୋଜିତ ଏକ ଜନସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି, ରାଜ୍ୟରେ ଏନ୍.ଡି.ଏ. ପୁନଃ କ୍ଷମତାସୀନ ହେଲେ ଡବଲ ଇଞ୍ଜିନ୍ ସରକାର ଦ୍ୱାରା ବିହାରର ବିକାଶ କାର୍ଯ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିବ । ଲୋକଜନଶକ୍ତି ପାର୍ଟି ରାମବିଳାଶର ସଭାପତି ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶୱାନ୍ ମଧ୍ୟ ଆଜି ଖାଗାରିଆଠାରେ ଏକ ନିର୍ବାଚନୀ ସଭାକୁ ଉଦ୍‌ବୋଧନ ଦେଇଛନ୍ତି ।

ଅନ୍ୟ ପକ୍ଷରେ ବିହାର ଦାୟିତ୍ୱରେ ଥିବା କଂଗ୍ରେସ ନେତା କ୍ରିଷ୍ଣା ଆଲାଭାରୁ କହିଛନ୍ତି, ରାଜ୍ୟର ବିଭିନ୍ନ ସମସ୍ୟା ତଥା ଏନ୍.ଡି.ଏ. ସରକାରଙ୍କ ବିଫଳତା ସମ୍ପର୍କରେ ତାଙ୍କର ମହାମେଣ୍ଟ ଜନସାଧାରଣଙ୍କୁ ଅବଗତ କରାଇବ ।

## ଇଣ୍ଡିଆ-ଏନର୍ଜୀ

ଦେଶର ନବୀକରଣୀୟ ଶକ୍ତି କ୍ଷମତା ଗତ ୧୧ ବର୍ଷ ମଧ୍ୟରେ ପ୍ରାୟ ୫ ଗୁଣା ବୃଦ୍ଧି ପାଇଛି । ନୂତନ ଏବଂ ନବୀକରଣୀୟ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ୨୦୧୪ ମସିହାରେ ୩୫ ଗିଗାୱାଟ୍ ନବୀକରଣୀୟ ଶକ୍ତି ଉତ୍ପାଦନ ହେଉଥିବା ବେଳେ ବର୍ତ୍ତମାନ ଏହା ୧୯୭ ଗିଗାୱାଟ୍ ଅତିକ୍ରମ କରିସାରିଛି । ତେବେ ଦେଶର ବୃହତ ଜଳବିଦ୍ୟୁତ୍ ପ୍ରକଳ୍ପ ଦ୍ୱାରା ଉତ୍ପାଦିତ ଶକ୍ତି ପରିମାଣକୁ ଏଥିରୁ ବାଦ୍ ଦିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି । ମିଳିଥିବା ସୂଚନା ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ସରକାର ୫୦୦ ଗିଗାୱାଟ୍‌ର ଅଣ-ଜୀବାସ୍ମ କ୍ଷମତା ହାସଲ କରିବାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏ ଦିଗରେ ମନ୍ତ୍ରଣାଳୟ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଛି ବୋଲି କୁହାଯାଇଛି ।

## ଲଦାଖ ଟକ୍ସ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଏକ ଉଚ୍ଚକ୍ଷମତାପନ୍ନ କମିଟି ଆଜି ନୂଆଦିଲ୍ଲୀ ଠାରେ ବିଭିନ୍ନ ପ୍ରସଙ୍ଗରେ ଲଦାଖର ନେତୃବୃନ୍ଦଙ୍କ ସହିତ ଆଲୋଚନା କରିଛନ୍ତି । ଗତ ମାସରେ ଏହି କେନ୍ଦ୍ର ଶାସିତ ଅଞ୍ଚଳରେ ହିଂସା ପରଠାରୁ ଏହା ହେଉଛି ପ୍ରଥମ ବିଧିବଦ୍ଧ ଆଲୋଚନା । ଏହି ବୈଠକରେ ଲେହ ଓ କାର୍ଗିଲ୍ ଗଣତାନ୍ତ୍ରିକ ମେଣ୍ଟର ପ୍ରତିନିଧିମାନେ ଯୋଗଦେଇଥିଲେ । ବୈଠକ

ପରେ ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ ଏହି ମେଣ୍ଟର ସଦସ୍ୟ ସାଜିଦ୍ ହୁସେନ୍ କହିଛନ୍ତି, ଲଦାଖକୁ ରାଜ୍ୟର ମାନ୍ୟତା ପ୍ରଦାନ କରିବା ସହିତ ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା କରିବା ଲାଗି ଗତ ୬ ବର୍ଷ ଧରି ସେମାନେ ଦାବି କରି ଆସୁଛନ୍ତି । ତେବେ ଏହି ପ୍ରସଙ୍ଗ ମାତ୍ର ଗୋଟିଏ କିମ୍ବା ଦୁଇଟି ବୈଠକରେ ସମାଧାନ ହୋଇପାରିବ ନାହିଁ । ଏ ଦିଗରେ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି ।

## ନିରଜ ଚୋପ୍ରା

ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଜାଭଲିନ୍ ଖେଳାଳି ନିରଜ ଚୋପ୍ରାଙ୍କୁ ଆଜି ପ୍ରାଦେଶିକ ସେନାର ମର୍ଯ୍ୟାଦାଜନକ ଲେଫ୍ଟନାଣ୍ଟ କଲୋନେଲ୍ ର୍ୟାଙ୍କ୍ ପ୍ରଦାନ କରାଯାଇଛି । ଆଜି ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସେନାଧ୍ୟକ୍ଷ ଜେନେରାଲ୍ ଭୂପେନ୍ଦ୍ର ଦ୍ୱିବେଦୀଙ୍କ ଉପସ୍ଥିତିରେ ନିରଜ ଚୋପ୍ରାଙ୍କୁ ଏହି ର୍ୟାଙ୍କ୍ ପ୍ରଦାନ କରାଯାଇଛି । ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ଲେଫ୍ଟନାଣ୍ଟ କଲୋନେଲ୍ ନିରଜ ଚୋପ୍ରାଙ୍କୁ ଉତ୍ସର୍ଗୀକୃତ ମନୋଭାବ ଓ ଜାତୀୟ ଗର୍ବର ପ୍ରତୀକ ଭାବେ ଅଭିହିତ କରିବା ସହ ସେନା ବାହିନୀ, କ୍ରୀଡ଼ାବିତ୍ ତଥା ଆଗାମୀ ପିଢ଼ି ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ ବୋଲି ମତବ୍ୟକ୍ତ କରିଛନ୍ତି ।

ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି, ୨୦୧୬ ମସିହା ଅଗଷ୍ଟ ମାସରେ ନିରଜ ଚୋପ୍ରା ଭାରତୀୟ ସେନାବାହିନୀରେ କନିଷ୍ଠ କମିଶନ୍ ଅଧିକାରୀ ରୂପେ ନାଏବ ସୁବେଦାର ଭାବେ ଯୋଗଦେଇଥିଲେ । ଦୁଇ ବର୍ଷ ପରେ ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନୀତ କରାଯାଇଥିବା ବେଳେ କ୍ରୀଡ଼ା କ୍ଷେତ୍ରରେ ତାଙ୍କର ସଫଳତା ଲାଗି ୨୦୨୧ରେ ଖେଳରତ୍ନ ପୁରସ୍କାର ପ୍ରଦାନ କରାଯାଇଥିଲା । ସେହି ବର୍ଷ ନିରଜଙ୍କୁ ସୁବେଦାର ପଦବୀକୁ ଉନ୍ନିତ କରାଯାଇଥିଲା । ୨୦୨୦ ଟୋକିଓ ଠାରେ ଐତିହାସିକ ସ୍ୱର୍ଣ୍ଣପଦକ ହାସଲ କରିବା ପରେ ୨୦୨୨ ମସିହାରେ ନିରଜଙ୍କୁ ଭାରତୀୟ ସେନା ପକ୍ଷରୁ ପରମ ବିଶିଷ୍ଟ ସେବା ମେଡାଲ୍ ପ୍ରଦାନ କରାଯାଇଥିଲା । ସେହିବର୍ଷ ତାଙ୍କୁ ସୁବେଦାର ମେଜର ପଦବୀକୁ ଉନ୍ନିତ କରାଯାଇଥିଲା । ଏତଦ୍‌ବ୍ୟତୀତ ନିରଜଙ୍କୁ ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରୀକ ସମ୍ମାନ ପଦ୍ମଶ୍ରୀରେ ମଧ୍ୟ ସମ୍ମାନିତ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଉତ୍ତରାଖଣ୍ଡ ଗଙ୍ଗୋତ୍ରୀ ଟେମ୍ପୁଲ୍

ଉତ୍ତରାଖଣ୍ଡର ଉତ୍ତରକାଶୀ ଜିଲ୍ଲାରେ ଶୀତଋତୁ ଲାଗି ଆନ୍ନାକୁଟ୍ ଉତ୍ସବ ଅବସରରେ ଆଜି ଗଙ୍ଗୋତ୍ରୀଧାମର ଦ୍ୱାର ପାରମ୍ପରିକ ମତେ ବନ୍ଦ କରାଯାଇଛି । ଏହି ଉତ୍ସବ ଦେଖିବା ଲାଗି ବହୁ ଶ୍ରଦ୍ଧାଳୁଙ୍କର ଭିଡ଼

ପରିଲକ୍ଷିତ ହୋଇଥିଲା । ମନ୍ଦିର ବନ୍ଦ ହେବା ପରେ ଦେବୀ ଗଙ୍ଗାଙ୍କର ଆନୁଷ୍ଠାନିକ ପ୍ରତୀମାକୁ ଏକ ସୁସଜ୍ଜିତ ପାଲିଙ୍କିରେ ସ୍ଥାନୀୟ ବାଦ୍ୟଯନ୍ତ୍ର ଓ ସାମରିକ ବ୍ୟାଣ୍ଡ୍ ସହିତ ମୁଖବା ଗ୍ରାମରେ ଥିବା ତାଙ୍କ ଶୀତକାଳୀନ ବାସସ୍ଥାନକୁ ନିଆଯାଇଥିଲା । ଏହି ସୁସଜ୍ଜିତ ପାଲିଙ୍କି ଆଜି ରାତିରେ ସ୍ଥାନୀୟ ମାର୍କଣ୍ଡେୟ ମନ୍ଦିରରେ ଅବସ୍ଥାନ କରିବେ । ଆସନ୍ତାକାଲି ମାତା ଗଙ୍ଗା ମୁଖବା ଗ୍ରାମର ଗଙ୍ଗା ମନ୍ଦିରରେ ବିଜେ କରିବେ । ସେଠାରେ ଭକ୍ତମାନେ ତାଙ୍କୁ ପୂଜାର୍ଚ୍ଚନା କରିପାରିବେ । ଚଳିତ ବର୍ଷ ଏହି ଋତୁରେ ୧୪ ଲକ୍ଷରୁ ଅଧିକ ତୀର୍ଥ ଯାତ୍ରୀ ଗଙ୍ଗୋତ୍ରୀ ଓ ଯମୁନେତ୍ରୀ ଧାମ ପରିଦର୍ଶନ କରିଛନ୍ତି । ଭାଇଆଦୁଜ୍ ଅବସରରେ ଆସନ୍ତାକାଲି ଯମୁନେତ୍ରୀ ଓ କେଦାରନାଥ ଧାମ୍‌ର ମନ୍ଦିର ମଧ୍ୟ ବନ୍ଦ ରହିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## କ୍ରିକେଟ୍-ଓ୍ୱାର୍ଲ୍ଡକପ୍

ଆଇସିସି ମହିଳା ବିଶ୍ୱକପ୍ ଦିନିକିଆ କ୍ରିକେଟ୍ ପ୍ରତିଯୋଗିତାରେ ବର୍ତ୍ତମାନ ଇନ୍ଦୋର ଠାରେ ଚାଲିଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ସମ୍ମୁଖରେ ଇଂଲଣ୍ଡ ୨୪୫ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ଅଷ୍ଟ୍ରେଲିଆ ଟସ୍ ଜିତି ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଛି । ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ଓ୍ୱିକେଟ୍ ହରାଇ ୨୪୪ରନ୍ ସଂଗ୍ରହ କରିଛି ।

ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଅଷ୍ଟ୍ରେଲିଆ ୪ ଓଭରରେ ୨ ଓ୍ୱିକେଟ୍ ହରାଇ ୨୨ ରନ୍ କରିଛି । ଉଭୟ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସେମିଫାଇନାଲ୍ ପର୍ଯ୍ୟାୟରେ ପ୍ରବେଶ କରିସାରିଛନ୍ତି ।

ଆସନ୍ତାକାଲି ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବ । ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ନଭି ମୁମ୍ବାଇ ଡି.ଓ୍ୱାଇ. ପାଟିଲ୍ ଷ୍ଟାଡିୟମ୍ ଠାରେ ଖେଳାଯିବ ।